# ରନ୍ଧନ ଗ୍ୟାସ୍ ଚିନ୍ତାରେ ଗୃହିଣୀ

■ବାଧୁଛି ଅଭାବ ସାଙ୍ଗକୁ ଦରବୃଦ୍ଧି
■ଅସୁବିଧାରେ ଉଜ୍ୱଳା ହିତାଧିକାରୀ

ବଇଣ୍ଡା ୪।୪ (ପରିକ୍ଷିତ ସାହୁ)



ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁ ଦେଶରେ ରନ୍ଧନ ଗ୍ୟାସ୍‌ର ସଙ୍କଟ ସୃଷ୍ଟି ହୋଇଛି। ଯଦିଓ ସରକାରଙ୍କ ପକ୍ଷରୁ ଏହି ଜାଳେଣି ଯୋଗାଣ ନେଇ ନିଶ୍ଚିତ ରହିବାକୁ ଆଶ୍ୱାସନା ଦିଆଯାଉଛି, ତଥାପି ରନ୍ଧନ ଗ୍ୟାସ୍‌କୁ ନେଇ ଚିନ୍ତାରେ ରହୁଛନ୍ତି ଗୃହିଣୀ। ବିଶେଷକରି ବିଭିନ୍ନ ବିତରକ ସଂସ୍ଥା ପକ୍ଷରୁ ହିତାଧିକାରୀମାନଙ୍କ ନିକଟରେ ଆବଶ୍ୟକ ସମୟରେ ଗ୍ୟାସ୍ ପହଞ୍ଚାଯାଇ ପାରୁ ନ ଥିବା ଦୃଶ୍ୟ ଏବେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିବାବେଳେ ଏହି ଅଭାବ ସାଙ୍ଗକୁ ଦର ବୃଦ୍ଧି ଗୃହିଣୀମାନଙ୍କ ମୁଣ୍ଡବ୍ୟଥାକୁ ବଢ଼ାଇ ଦେଇଛି। ତେବେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଉଜ୍ୱଳା ହିତାଧିକାରୀ। ପୂର୍ବରୁ ସରକାର ଉଜ୍ୱଳା ହିତାଧିକାରୀମାନଙ୍କୁ ସବ୍‌ସିଡି ଦେଉଥିବାବେଳେ ଏବେ ତାହା ଆଉ ମିଳୁନାହିଁ। ଗୋଟିଏ ପଟେ ସବ୍‌ସିଡି ମିଳୁ ନ ଥିବାବେଳେ ଅନ୍ୟପଟେ ଗ୍ୟାସ୍ ଅଭାବକୁ ବଢ଼ାମୂଲ୍ୟ ଏହି ହିତାଧିକାରୀମାନଙ୍କୁ ଅଧିକ ଚିନ୍ତିତ କରିଛି।

ଅନୁଗୋଳ ଜିଲା ଆଠମଲିକ ବ୍ଲକର ୨୪ ପଞ୍ଚାୟତ ସହ ଗୋଟିଏ ଏନ୍ଏସି ଏବଂ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ପାଇଁ ୪ ଜଣ ଗ୍ୟାସ୍ ବିତରକ ନିଯୁକ୍ତ ହୋଇଛନ୍ତି। ଆଠମଲିକ ଅଞ୍ଚଳ ପାଇଁ ଗୋଟିଏ କମ୍ପାନୀ ପକ୍ଷରୁ ନିଯୁକ୍ତ ବିତରକଙ୍କ ନିକଟରେ ୧୨,୯୫୩ ଜଣ ସାଧାରଣ ଗ୍ରାହକ ଥିବାବେଳେ ସେମାନଙ୍କ ମଧ୍ୟରୁ ୬,୩୫୪ ହେଉଛନ୍ତି ଉଜ୍ୱଳା ଯୋଜନାର ହିତାଧିକାରୀ। ସେହିପରି ଠାକୁରଗଡ଼ ଅଞ୍ଚଳ ପାଇଁ ଏକ କମ୍ପାନୀ ପକ୍ଷରୁ ନିଯୁକ୍ତ ବିତରକଙ୍କ ନିକଟରେ ୩,୭୫୪ ଜଣ ଗ୍ରାହକ ଥିବାବେଳେ ସେମାନଙ୍କ ମଧ୍ୟରୁ ୨,୫୨୦ ହେଉଛନ୍ତି ଉଜ୍ୱଳା ଯୋଜନାର ହିତାଧିକାରୀ। କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳ ପାଇଁ କମ୍ପାନୀ ପକ୍ଷରୁ ନିଯୁକ୍ତ ବିତରକଙ୍କ ନିକଟରେ ୧୦,୮୩୯ ଜଣ ଗ୍ରାହକ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୭,୨୫୧ ଉଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ। କିଶୋରନଗର ଅଞ୍ଚଳ ପାଇଁ କମ୍ପାନୀ ପକ୍ଷରୁ ନିଯୁକ୍ତ ହୋଇଥିବା ବିତରକଙ୍କ ନିକଟରେ ୧୩,୯୫୧ ଜଣ ଗ୍ୟାସ୍ ଗ୍ରାହକ ଥିବାବେଳେ ସେମାନଙ୍କ ମଧ୍ୟରୁ ୯,୨୩୬ ଉଜ୍ୱଳା ଯୋଜନାରେ ଗ୍ୟାସ୍ ପାଉଛନ୍ତି। ମୋଟ୍ ଉପରେ ଆଠମଲ୍ଲିକ ଉପଖଣ୍ଡରେ ୨୫,୩୬୧ ଜଣ ଉଜ୍ୱଳା ହିତାଧିକାରୀ ରହିଛନ୍ତି। କିନ୍ତୁ ସାଧାରଣ ଗ୍ରାହକଙ୍କ ସହ ଏହି ଉଜ୍ୱଳା ହିତାଧିକାରୀମାନଙ୍କୁ ଏବେ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ମିଳିପାରୁ ନାହିଁ। ସେହିପରି ୧୦ ପ୍ରତିଶତ ଉଜ୍ୱଳା ହିତାଧିକାରୀ ଗ୍ୟାସ୍ କିଣୁ ନ ଥିବାବେଳେ ବର୍ତ୍ତମାନ ପରିସ୍ଥିତରେ ସେହି ହିତାଧିକାରୀଙ୍କ ଖାତାରେ କେତେଜଣ ଆସାଧୁ ବ୍ୟବସାୟୀ ଗ୍ୟାସ୍ ସିଲିଣ୍ଡର ଉଠାଇ ୧୮୦୦ ଟଙ୍କା ଲେଖାଏରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଗୋଟିଏପଟେ ରନ୍ଧନ ଗ୍ୟାସ୍‌ର ଅଭାବ ଓ ଅନ୍ୟପଟେ ଦରବୃଦ୍ଧି, କଳାବଜାର ଯୋଗୁ ଅନେକ ହିତାଧିକାରୀ ଉପାୟଶୂନ୍ୟ ହୋଇ କାଠ ନଚେତ କୋଇଲା ଚୁଲି ବ୍ୟବହାର କରୁଛନ୍ତି।

### ପୂର୍ବପରି ସବ୍‌ସିଡିରେ ଗ୍ୟାସ୍ ଯୋଗାଇ ଦିଆଯାଉ



"ରନ୍ଧନଗ୍ୟାସ୍‌ର ଦରବୃଦ୍ଧି ମହିଳାମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେନ୍ଦ୍ର ସରକାର ଏପରି ଦରବୃଦ୍ଧି କରି ମଧ୍ୟମ ଓ ଗରିବ ଶ୍ରେଣୀ ଲୋକଙ୍କ ପକେଟ ଖାଲି କରୁଛନ୍ତି। ତେଣୁ ପୂର୍ବପରି ସବ୍‌ସିଡିରେ ଗ୍ୟାସ୍ ଯୋଗାଇ ଦିଆଯାଉ।

-ଅହଲ୍ୟା ସେଠୀ, ବଇଣ୍ଡା

### ଆବଶ୍ୟକ ସମୟରେ ସିଲିଣ୍ଡର ମିଳୁନି



"ପୂର୍ବରୁ ସବ୍‌ସିଡିରେ ଗ୍ୟାସ୍ ଯୋଗାଇ ଦିଆଯାଉଥିଲା। ହେଲେ କରୋନା ସମୟରୁ ଉକ୍ତ ସବ୍‌ସିଡି ପ୍ରଦାନ ବନ୍ଦ ହୋଇଯାଇଛି। ମାତ୍ର ୨୦ ଟଙ୍କା ସବ୍‌ସିଡି ମିଳୁଥିବା ବେଳେ ବର୍ତ୍ତମାନ ଆବଶ୍ୟକ ସମୟରେ ଗ୍ୟାସ୍ ସିଲିଣ୍ଡର ମିଳୁନାହିଁ।

-ଦୀପ୍ତିମୟୀ ସାହୁ, ନୁନୁକାପଶି ସରପଞ୍ଚ

### ବର୍ଦ୍ଧିତ ଦର ହ୍ରାସ କରାଯାଉ



"ସରକାର ଉଜ୍ୱଳା ଯୋଜନାରେ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଦେଇଥିଲେ। ହେଲେ ପର ମୁହୂର୍ତ୍ତରେ ଦର ବଢ଼ାଇ ଉକ୍ତ ଅର୍ଥ ଆଦାୟ କରିନେଲେ। ତୁରନ୍ତ ରନ୍ଧନ ଗ୍ୟାସ୍‌ର ବର୍ଦ୍ଧିତ ଦର କମାଇବା ସହ ଠିକ୍ ମୂଲ୍ୟରେ ଯୋଗାଇ ଦିଆଯାଉ।

-ସଂଘମିତ୍ରା ମିଶ୍ର, ନୁନୁକାପଶି

### କାଠଚୁଲାକୁ ଫେରିଲେଣି ଗୃହିଣୀ



"ପ୍ରାୟ ପରିବାରରେ ଗ୍ୟାସ୍ ସଂଯୋଗ ଥିଲେ ମଧ୍ୟ ବାରମ୍ବାର ଦରବୃଦ୍ଧି ଯୋଗୁ ସେମାନେ କିଣିବାକୁ ସକ୍ଷମ ହେଉନାହାନ୍ତି। ସେହିପରି ଏବେ ଗ୍ୟାସ୍‌ର ଅଭାବ ଯୋଗୁ ଅନେକ ଘରେ କାଠ ଚୁଲା ବ୍ୟବହାର ଆରମ୍ଭ ହେଲାଣି।

-କଲ୍ୟାଣୀ ସାହୁ, କଦଳୀମୁଣ୍ଡା

### ସିଲିଣ୍ଡର ଅଭାବ ସାଙ୍ଗକୁ କଳାବଜାର



"ୟୁପିଏ ସରକାର ଅମଳରେ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ମିଳୁଥିବାବେଳେ ବର୍ତ୍ତମାନ ଏନ୍‌ଡିଏ ସରକାର ଅମଳରେ ମୂଲ୍ୟ ହଜାରେ ଟଙ୍କା ଛୁଇଁଲାଣି। ଏପଟେ ଆବଶ୍ୟକତା ଅନୁଯାୟୀ ଲୋକଙ୍କୁ ଗ୍ୟାସ୍ ମିଳୁ ନ ଥିବାରୁ କଳାବଜାର ବଢ଼ୁଛି।

-ସୁଷମା ପ୍ରଧାନ, ଠେଲକନାଳି

## 'ଖଡ଼ିଛୁଆଁ ଦିବସରେ ଶିଶୁ ହୁଏ ଶିକ୍ଷାର୍ଥୀ'



ଶିଶୁଙ୍କୁ ସିଲଟ ଓ ଖଡ଼ି ଛୁଆଇଁ ପାଠପଢ଼ାର ଶୁଭାରମ୍ଭ କରାଯାଉଛି।

ଆଠମଲ୍ଲିକ,୪।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ନଗର ପ୍ରତିନିଧି ତଥା ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ଟିଟସ ମହାନନ୍ଦିଆ, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ପରିଚାଳନା କମିଟି ସଭାପତି ସଦାନନ୍ଦ ଦନ୍ତା ଯୋଗଦେଇ ଖଡ଼ିଛୁଆଁ ଦିବସରେ ଶିଶୁର ଶିକ୍ଷାର୍ଥୀ ଜୀବନ ଆରମ୍ଭ ହେଉଥିବାରୁ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁଦାୟିତ୍ୱ ବୃଦ୍ଧି ପାଇଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରଶ୍ମିରେଖା ମାହାର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ସହକାରୀ ଜିଲାପାଳ ପାର୍ଥ ସାରଥୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଖଡ଼ିଛୁଆଁ ଉତ୍ସବର ବାର୍ତ୍ତା ଥିବା ସଚେତନତା ରଥକୁ ମୁଖ୍ୟ ଅତିଥି ହୋତା ଉଦଘାଟନ କରିଥିଲେ। ଛୋଟ ଛୋଟ ଶିଶୁଙ୍କୁ ସିଲଟ ଓ ଖଡ଼ି ଛୁଆଇଁ ପାଠପଢ଼ାର ଶୁଭାରମ୍ଭ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଧବଳେଶ୍ୱର ଦେହୁରୀ, ପ୍ରଦୀପ ସେଠୀ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଜ୍ୟୋସ୍ନାରାଣୀ ତରିଆଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି ସହଯୋଗ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ

ମାଧପୁର,୪।୪(ମନୋଜ କୁମାର ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ପ୍ରତିଭା ଅନ୍ୱେଷଣ ଓ ସାଂସ୍କୃତିକ ସମାରୋହ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସଚଳା ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଦେବରାଜ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଣବ କୁମାର ହୋତା, ସନ୍ତୋଷ ମେହେର, ବିପିନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରିୟଦର୍ଶୀ ହୋତା ପ୍ରମୁଖ ଯୋଗଦେଇଥିଲେ। ପିଲାମାନଙ୍କ ନୈତିକ ଶିକ୍ଷା ଓ ଚରିତ୍ର ଗଠନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଅଞ୍ଚଳର ବହୁ ଅଭିଭାବକ ଓ ଜନସାଧାରଣ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

କଣିହାଁ,୪।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ପାଳିତ ହୋଇଯାଇଛି। ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୋଡାଗଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନୃସିଂହ ବରାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ, ହାତିଆଦଣ୍ଡା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲ, ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ୧୧ ଜଣ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଇବା ସହ ବ୍ୟାଗ, ଖାତା, ବହି, ଟୋପି ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷବିଭାଗ ପକ୍ଷରୁ ଆସିଥିବା ପ୍ରବେଶ ଉତ୍ସବ ରଥକୁ ବିଧାୟକ ଉଦଘାଟନ କରିଥିଲେ। ସେହିପରି ସମଲ ପଞ୍ଚାୟତ ବିଲିଣ୍ଡା ପ୍ରଥମିକ ବିଦ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପବିତ୍ରନଗର ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ କବିତାରାଣୀ ପ୍ରଧାନ, ଅନ୍ୟାନ୍ୟ ବିଦ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିମାନଙ୍କୁ ନେଇ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ସଚେତନ କରିବ ଭ୍ରାମ୍ୟମାଣ ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ପାଲଲହଡ଼ା,୪।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଈଶ୍ୱରନଗରଠାରେ ଥିବା ଇଲିସୁଆଁ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଓଡ଼ିଆ ପକ୍ଷ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ବରିଷ୍ଠ ଓକିଲ ତନ୍ମୟ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି, ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପଟେଲ ଏକ ଭ୍ରାମ୍ୟମାଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ବ୍ଲକର ସମସ୍ତ ଅଞ୍ଚଳ ବୁଲି ସଚେତନ କରାଇବ। ପ୍ରବେଶ ଉତ୍ସବ ଦ୍ୱାରା ଛୋଟ ପିଲାଙ୍କୁ ବିଦ୍ୟାଳୟ ମୁହାଁ କରାଇବା ସହ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶକୁ ସୁନିଶ୍ଚିତ କରାଇବ ବୋଲି ପଟେଲ କହିଥିଲେ।

## ଓଡ଼ିଆ ନାମଫଳକ ଅଭିଯାନ ଉପଲକ୍ଷେ ସଚେତନତା




ସଚେତନତା ପଦଯାତ୍ରାର ଶୁଭାରମ୍ଭ କରାଯାଉଛି।

ଅନୁଗୋଳ,୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଏବଂ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ -୧୯୫୬ ଅନୁଯାୟୀ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜେଲ୍ ରୋଡ୍, ସେଣ୍ଟ୍ରାଲ ଲଜ୍, ବଜାରଛକ, ସୂଚନାକେନ୍ଦ୍ର ଛକ, ଥାନା ଛକଦେଇ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ସଚେତନତା ପାଇଁ ବିଭାଗ ପକ୍ଷରୁ ଦୋକାନର ମାଲିକମାନଙ୍କୁ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା, ଅନୁଗୋଳ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇଙ୍କ, ଅନୁଗୋଳ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ସଚେତନତା ପଦଯାତ୍ରା, ସଚେତନତା ରଥ ଶୁଭାରମ୍ଭ

ତାଳଚେର,୪।୪ (ମନୋଜ ନନ୍ଦ)

ଜିଲା ଶ୍ରମ ଅଧିକାରୀ ତାଳଚେରଙ୍କ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଓ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ -୧୯୫୬ ଅନୁଯାୟୀ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଏବଂ ସଚେତନତା ରଥ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶନିବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଉପଜିଲାପାଳ ତାଳଚେର ଆଶିଷ ରଞ୍ଜନ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ତାଳଚେର ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ତାଳଚେର ପୌରପାଳିକା, ଅନୁଗୋଳ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରତିନିଧି, ଅନୁଗୋଳ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧି, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ସଚେତନତା ପଦଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ହାତତୋଟା, ଆଇଟିଆଇ ଛକ, ଶର୍ମାଛକ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଯେଉଁ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ସହକାରୀ ଶ୍ରମ ଅଧିକାରୀଙ୍କ ଦ୍ୱାରା ଧନ୍ୟବାଦ ସ୍ୱରୂପ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା।

## ପ୍ରତିଷ୍ଠା ଦିବସ ପାଇଁ ଭାଜପାର ବୈଠକ

ବଇଣ୍ଡା, ୪।୪ (ପରିକ୍ଷିତ ସାହୁ)

ଭାଜପାର ପ୍ରତିଷ୍ଠା ଦିବସ ପାଳନ ପାଇଁ କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ କଲ୍ୟାଣମଣ୍ଡପ ପରିସରରେ ମଣ୍ଡଳସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଯଯାତୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲାର ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସରୋଜ ସାହୁ, ଅରବିନ୍ଦ ସିଂ, ଅମ୍ରିତ ସାଇଁ, ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଦଳର ପ୍ରତିଷ୍ଠା ଦିବସ କିପରି ପାଳନ ହେବ ସେ ନେଇ ଆଲୋଚନା କରାଯିବା ସହ ଦଳରେ ଯୋଗ ଦେଇଥିବା କେତେଜଣ ସରପଞ୍ଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାନସ ରଞ୍ଜନ ସାହୁ, ରାଜେନ୍ଦ୍ର ସାହୁ, ଅଜିତ ପଟ୍ଟନାୟକ, ହେମନ୍ତ ବିଶାଳ, ଅରବିନ୍ଦ ସାହୁ ପରିଚାଳନା କରିଥିଲେ।

## ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

ପାଲଲହଡ଼ା,୪।୪(ଦିବ୍ୟଜ୍ୟୋତି ଦାଶ)/ ଖମାର (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ତହସିଲ ପକ୍ଷରୁ ଆଲୋରୀ ପଞ୍ଚାୟତର ଜଙ୍ଗଲ ଜମିରେ ବେଣୁଧର ପୂର୍ତ୍ତୀଙ୍କ ଥିବା ବେଆଇନ ଇଟାଭାଟିକୁ ଶନିବାର ଜେସିବି ମେଶିନ ଦ୍ୱାରା ନଷ୍ଟ କରାଯାଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତହସିଲଦାର ଆକାଂକ୍ଷା ମହାପାତ୍ର ଏହାର ନେଇଥିବାବେଳେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା,କୁଞ୍ଜାମ ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ସାହୁ ଓ ସହକାରୀ ଅମିନ ସୁଜିତ ସାହୁ ସହଯୋଗ କରିଥିଲେ। ଖମାର ପୋଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ତହସିଲଦାର ମହାପାତ୍ର କହିଛନ୍ତି, ବେଆଇନ ଭାବେ ଗଢ଼ିଉଠିଥିବା ସମସ୍ତ ଇଟାଭାଟିକୁ ଉଚ୍ଛେଦ କରାଯିବ। ଅନ୍ୟପକ୍ଷରେ ସିଆରିମାଲିଆ, କୁଞ୍ଜାମ, ଆଲୋରି, ଶଙ୍ଖପୁର, ବଡସଡା, ରୋହିଲା, ମୁଣ୍ଡରିବେଡ଼ା ଆଦି ଗାଁଗୁଡ଼ିକରେ ବେଆଇନ ମାଟି ଇଟାଭାଟି ଚାଲୁଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅଞ୍ଚଳବାସୀ ଏହାକୁ ନାପସନ୍ଦ କରିଛନ୍ତି।

## ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ



ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଉଛନ୍ତି।

### ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ

ଅନୁଗୋଳ,୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ପିଏମ୍‌ଶ୍ରୀ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଲ ପାଠ ପଢ଼ି ଭଲ ମଣିଷ ହେବାକୁ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସମସ୍ତ ଅଭିଭାବକଙ୍କୁ ନିୟମିତ ଶିଶୁଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ସହିତ ସ୍କୁଲ ବ୍ୟାଗ ପ୍ରଦାନ କରି ଖଡି ଛୁଆଁଇଥିଲେ। ଏହାପରେ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଲୋପାମୁଦ୍ରା ପଟ୍ଟନାୟକ, ମଧୁସ୍ମିତା ନନ୍ଦ, ପିଏମ୍‌ଶ୍ରୀ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଜେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବିହୁ ନୃତ୍ୟରେ ଦୁଲୁକିଲା ଲୋକ ମହୋତ୍ସବ ମଞ୍ଚ

ତାଳଚେର,୪।୪ (ମନୋଜ ନନ୍ଦ)



ଲୋକ ମହୋତ୍ସବ ୫ମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋପାଳପ୍ରସାଦ ପୀଠରେ ଭକ୍ତି, ଶ୍ରଦ୍ଧା ଓ ମନୋରଞ୍ଜନର ଏକ ଅପୂର୍ବ ପରିବେଶ ଦେଖିବାକୁ ମିଳିଛି। ଅଗ୍ନି ସ୍ୱରୂପିଣୀ ମା'ଙ୍କୁ ଦର୍ଶନ କରିବା ସହ ମିନାବଜାରର ଭରପୂର ମଜା ନେବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ତାଳଚେର ଉପଜିଲାପାଳ ଆଶିଷ ରଞ୍ଜନ ସାହୁ ସଭାପତିତ୍ୱ କରିବା ସହ ପୂର୍ବତନ ଉପଜିଲାପାଳ ତଥା ମୁଖ୍ୟ ଅତିଥି ସମୀର କୁମାର ଜେନାଙ୍କ କାର୍ଯ୍ୟକାଳକୁ ମନେ ପକାଇ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଜେନା ମା' ହିଙ୍ଗୁଳାଙ୍କ ମହିମା କେବଳ ତାଳଚେରରେ ସୀମିତ ନୁହେଁ, ଏହା ସାରା ବିଶ୍ୱରେ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୋହା, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ଏବଂ କଣିହାଁ ତହସିଲଦାର ଚିନ୍ମୟ ଦାସ ଯୋଗଦେଇଥିଲେ।ସାଂସ୍କୃତିକ ଝଲକରେ ଆସାମର ବିହୁ ଓ ସୁର-ସଙ୍ଗୀତର ଲହରରେ ମଞ୍ଚ ଦୁଲୁକି ଉଠିଥିଲା। ଏହି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ୦ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର ପଟେଲ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୋହା, ଏନ୍‌ଟିପିସି ଇଡି ବିଜୟ ଚାନ୍ଦ, ଏନ୍‌ଟିପିସି ଏଜିଏମ୍ (ଏଚ୍.ଆର୍) ରୋହିତ କୁମାର, ଏନ୍‌ଟିପିସି ଡିଜିଏମ୍ (ଏଚ୍.ଆର୍) ସଞ୍ଜିତ କୁମାର ସେନାପତି, ଏନ୍‌ଟିପିସି ଡିଜିଏମ (ଏଚ.ଆର୍) ସକିଲ ଅହମ୍ମଦ ଉପସ୍ଥିତ ରହିଥିଲେ।

**ଯୁବକଙ୍କ ମୃତଦେହ ଜବତ**

ଭୁବନ, (ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ଭୁବନ ଥାନା ମହୁଲପାଳ ଗ୍ରାମର ପ୍ରଭାତ ଆଏଚ (୨୧) ଶନିବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।ସେ ବେକରେ ରଶି ଲଗାଇଥିବା ବେଳେ ପରିବାର ଲୋକ ତାଙ୍କୁ ଭୁବନ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଭୁବନ ପୋଲିସ ମୃତଦେହକୁ ଜବତ କରିଛି। ଏ ନେଇ କେସ୍ ନଂ. ୨୭୮/୨୦୨୬ରେ ଏକ ମାମଲା ରୁଜୁକରାଯାଇଛି।

# ତାରିଖ ବଦଳୁଛି, ସମାଧାନର ବାଟ ଫିଟୁନି

**ଲାନ୍‌କୋ ଜମିହରା ପ୍ରଜାଙ୍କ ମାମଲା**

- ଜମିହରା ପ୍ରଜାଙ୍କ ପକ୍ଷରୁ ୫ ଦଫାର ସତ୍ୟପାଠ ଦାଖଲ
- ଶିଳ୍ପ ପ୍ରତିଷ୍ଠା ପାଇଁ ସମସ୍ତ ନିୟମ ଉଲ୍ଲଂଘନ ହୋଇଛି

ଢେଙ୍କାନାଳ,୪।୪(ରତନ ନାୟାର)


ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଲାନ୍‌କୋ କ୍ଷତିଗ୍ରସ୍ତ ଜମିହରା ପ୍ରଜା।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ କୁରୁଣ୍ଟି ଗ୍ରାମର ଲାନକୋ ଜମିହରା ପ୍ରଜାଙ୍କ ପକ୍ଷରୁ ଏମ୍‌ଓୟୁର ଉଲ୍ଲଂଘନକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ହୋଇଥିଲା। ଅଭିଯୋଗ ଶୁଣାଣିରେ ଲାନକୋ ଜମିହରା ପ୍ରଜା ମଧ୍ୟ ଉପସ୍ଥିତ ଥିଲେ । ତାରିଖ ପରେ ତାରିଖ ବଦୁଳିଥିବା ବେଳେ ଲାନକୋ ଜମିହରା ପ୍ରଜାଙ୍କ ଦାବି ସମାଧାନର ବାଟ ଫିଟୁନି । ଜମିହରା ପ୍ରଜାଙ୍କ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଏ ସଂକ୍ରାନ୍ତରେ ଯୁକ୍ତି ବାଢ଼ିବା ସହ ଜିଲାପାଳଙ୍କ ନିକଟରେ ୫ଦଫାର ସତ୍ୟପାଠ ଦାଖଲ କରିଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ଏମ୍‌ଓୟୁର ସମସ୍ତ ନିୟମକୁ ଉଲ୍ଲଂଘନ କରାଯାଇଛି ବୋଲି ଜମିହରା ପ୍ରଜା ସଂଘ ପକ୍ଷରୁ ଅଭିଯୋଗ ହୋଇଛି।

ଆଇନଜୀବୀ ଲଳିତେନ୍ଦୁ ମିଶ୍ରଙ୍କ ସୂଚନା ମୁତାବକ, ଲାନକୋ ପ୍ରତିଷ୍ଠା ପୂର୍ବରୁ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଥଇଥାନ କରିବା ପାଇଁ ହୋଇଥିବା ଏମ୍‌ଓୟୁକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି । ପ୍ରକୃତି ବଞ୍ଚାଇବା ପାଇଁ ରାଜ୍ୟ ସରକାର ସବୁଠି ଚେଷ୍ଟା କରୁଥିବା ସ୍ୱାଗତଯୋଗ୍ୟ ବିଷୟ । ଏହାକୁ ଦେଖିଲେ ଉକ୍ତ ଅଞ୍ଚଳରେ ହାତୀ ଚଲାପଥ ରହିଥିବା ବେଳେ ବ୍ୟାପକ ଭାବେ ହାତୀ ଉକ୍ତ ଅଞ୍ଚଳରେ ବୁଲାଚଲା କରୁଛନ୍ତି । ଯେଉଁଠି ହାତୀମାନେ ବ୍ୟାପକ ଭାବେ ଚଳପ୍ରଚଳ କରୁଛନ୍ତି, ସେହି ଅଞ୍ଚଳରେ କିଭଳି ଶିଳ୍ପ ପ୍ରତିଷ୍ଠା ହେବ, ସେ ପ୍ରଶ୍ନ ଉଠାଇଥିଲେ । ଜମିହରା ପ୍ରଜାଙ୍କଠାରୁ ସିଧାସଳଖ ଜମି ଅଧିଗ୍ରହଣ ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜାଗା ନିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ କିପରି ଥଇଥାନ କରାଗଲା ନାହିଁ । କିଛି ଜମିହରା ପ୍ରଜାଙ୍କୁ ବେକାରି ଭତ୍ତା ମଧ୍ୟ ପ୍ରଦାନ କରାଯାଉଛି । ଏଥିରୁ ପ୍ରମାଣିତ ହେଉଛି ଯେ, ଯେଉଁମାନେ ଜମି ଦେଇଛନ୍ତି, ସେମାନଙ୍କଠାରୁ ଜମି ନେବା ପରେ ଠିକ୍ ଭାବେ ଥଇଥାନ କରାଯାଇନାହିଁ। ୨୦୨୩ରେ ଲିଜ୍‌ଡିଡ୍‌କୁ ନେଇ ଇଡକୋକୁ ମଧ୍ୟ ପକ୍ଷଭୁକ୍ତ କରିବା ପାଇଁ ଆମେ ଆବେଦନ କରିଛୁ। ପରବର୍ତ୍ତି ତାରିଖ ଆସନ୍ତା ଏପ୍ରିଲ ୧୮କୁ ରହିଲା ବୋଲି ସେ କହିଛନ୍ତି । ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘର ସଭାପତି ଗଙ୍ଗାଧର ସାମଲ କହିଲେ ଯେ, ପ୍ରସ୍ତାବିତ ଶିଳ୍ପ ପ୍ରତିଷ୍ଠା ଜାଗାରୁ ବ୍ରାହ୍ମଣୀ ନଦୀ ୩୦୦ ମିଟର ଦୂର ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ହାତୀ ମଧ୍ୟ ଚଳପ୍ରଚଳ କରୁଛନ୍ତି । ନଦୀଠାରୁ ପ୍ରାୟ ୫୦୦ ମିଟର ଦୂର ନ ହେଲେ ଶିଳ୍ପ ପ୍ରତିଷ୍ଠା କରିହେବ ନାହିଁ ବୋଲି ନିୟମ ଥିବା ବେଳେ ଏହାକୁ ମଧ୍ୟ ଉଲ୍ଲଂଘନ କରାଯାଇଛି । ସେହିପରି ଏମ୍‌ଓୟୁ ପରେ ୬ମାସ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହେବା କଥା । କିନ୍ତୁ ପ୍ରାୟ ୧୭ରୁ ୧୮ବର୍ଷ ବିତିଲା, ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ । ତେଣୁ ଉକ୍ତ ଜାଗା କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଖକୁ ଫେରି ଆସିବା କଥା ବୋଲି ସେ କହିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ଜମିହରା ପ୍ରଜାଙ୍କ ପକ୍ଷରୁ ନରେନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ରାଉତ, ବିନୋଦ ସାହୁ, ବିଜୟ ଧଳ ଓ ଅଖିଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୁଣାଣି ସମୟରେ ସାଫ୍ରନ କମ୍ପାନୀର ଆଇନଜୀବୀମାନେ ଉପସ୍ଥିତ ଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ଦେବା ପାଇଁ ମନା କରିଦେଇଥିଲେ ।

# ୩୨ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ଢେଙ୍କାନାଳ,୪।୪(ରତନ ନାୟାର)

ଢେଙ୍କାନାଳ ସହରରେ ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନ ଓ ଜିଲା ଯୋଗାଣ ବିଭାଗ ପକ୍ଷରୁ ପୋଲିସ ଉପସ୍ଥିତିରେ ବ୍ୟାପକ ଚଢାଉ କରାଯାଇ କଳାବଜାରୀ ପାଇଁ ରଖାଯାଇଥିବା ୩୨ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିଲା। ପୂର୍ବାହ୍ନରେ ନୁଆ ଶାସନ ଅଞ୍ଚଳର ଏକ ଦୋକାନରୁ ୨୮ଟି ସିଲିଣ୍ଡର ଜବତ କରାଯାଇଥିଲା । ଅପରାହ୍ନରେ ବିଭିନ୍ନ ଅଞ୍ଚଳରୁ ଆଉ ୪ଟି ସିଲିଣ୍ଡର ଜବତ କରାଯାଇଛି । କୌଣସି ସୂତ୍ରରୁ ଖବର ପାଇବା ପରେ କଳାବଜାରୀ ହେଉଥିବା ରନ୍ଧନ ଗ୍ୟାସ୍ ସିଲିଣ୍ଡରଗୁଡ଼ିକୁ ଚଢାଉ କରି ଜବତ କରିବା ନିମନ୍ତେ ଜିଲାପାଳ, ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକଙ୍କ ନେତୃତ୍ୱରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁ ଓ ବିଭାଗୀୟ ଅଧିକାରୀମାନେ ଚଢାଉ କରି ସିଲିଣ୍ଡରଗୁଡ଼ିକୁ ଜବତ କରିଥିବା ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସୂଚନାରୁ ଜଣାପଡିଛି ।

# ଜମିହରା ପ୍ରଜାଙ୍କୁ ନ୍ୟାଯ୍ୟ କ୍ଷତିପୂରଣ ପ୍ରଦାନ କରାଯାଉ



**ରୁଙ୍ଗଟା କାରଖାନାର ସଂପ୍ରସାରଣକୁ ନେଇ ଜନ ଶୁଣାଣି**

ସାତମାଇଲ,୪।୪(ସୁଶାନ୍ତ ପତି)

ରୁଙ୍ଗଟା ଇସ୍ପାତ କାରଖାନା ପକ୍ଷରୁ କାରଖାନା ସମ୍ପ୍ରସାରଣ ପାଇଁ ଅଧିଗ୍ରହଣ କରାଯାଉଥିବା ବେରୁଆପାଳ ଓ ଗାଲପଡା ଗ୍ରାମର ଜମିହରା ପ୍ରଜା ମାନଙ୍କର ଅଭିଯୋଗଗୁଡ଼ିକର ଜନ ଅଭିଯୋଗ ଶୁଣାଣି ପାଇଁ ପାଇକ ପୁରୁଣାକୋଟସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଶନିବାର ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀଙ୍କ ଦ୍ୱାରା କରାଯାଇଥିଲା। ଏହି ଶୁଣାଣିରେ ବେରୁଆପାଳ ଗ୍ରାମର ଜମିହରା ପ୍ରଜା ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରାମର ଜମିହରା ପରିବାରଙ୍କ ନ୍ୟାର୍ଯ୍ୟ କ୍ଷତିପୂରଣ, ଗ୍ରାମର ଜଳସେଚନ ପ୍ରକଳ୍ପରୁ ଚାଷୀଙ୍କ ଜମିକୁ ପାଣି ମାଡିବା ସୁନିଶ୍ଚିତ କରିବା, ଅଧିକ କ୍ଷତିପୂରଣ ରାଶି ପାଇଁ ତ୍ରିପାକ୍ଷିକ ଆଲୋଚନା କରାଯାଇ ଧାର୍ଯ୍ୟ କରିବା, ପାରିପାର୍ଶ୍ୱିକ ଉନ୍ନୟନ ଯୋଜନା ସମ୍ପର୍କିତ କାର୍ଯ୍ୟଗୁଡ଼ିକୁ ଗ୍ରାମ୍ୟ କମିଟି ମାଧ୍ୟମରେ କରାଯିବା ଏବଂ ବେରୁଆପାଳ ଗ୍ରାମଟି ଶିଳ୍ପ କରିଡର ମଧ୍ୟରେ ଥିବାରୁ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବାକୁ ଦାବି ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବଗୁଡ଼ିକୁ ହିନ୍ଦୋଳ ତହସିଲଦାର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଥିଲା। ଜନଶୁଣାଣିରେ ଉପସ୍ଥିତ ଜମିହରା ପ୍ରଜାଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ବସନ୍ତ କୁମାର ବେହେରା, ଗାଲପଡା ପୂର୍ବତନ ସରପଞ୍ଚ ଅଜୟ କୁମାର ମାଝୀ, ହୃଦାନନ୍ଦ ମାଝୀ, ରାମଚନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ପାଣିଗ୍ରାହୀ, ହେମନ୍ତ କୁମାର ରାଉତ, ଦିଲୀପ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଗ୍ରାମ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ଗ୍ରାମବାସୀଙ୍କ ଏହି ନ୍ୟାର୍ଯ୍ୟ ଦାବିଗୁଡିକ ପ୍ରସାଶନ ପକ୍ଷରୁ ବିଚାର କରି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ବାୟୋ ଆନାଲାଇଜର ମେଶିନ ଅଚଳ, ରକ୍ତ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

ଢେଙ୍କାନାଳ,୪।୪(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ ଆନାଲାଇଜର ମେଶିନ ଅଚଳ ହୋଇପଡ଼ିଥିବାରୁ ରକ୍ତ ପରୀକ୍ଷା ପାଇଁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । ଅଭିଯୋଗ ପାଇ ଏଏପିର ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏହି ଘଟଣାକୁ ନିନ୍ଦା କରିବା ସହ ତୁରନ୍ତ ନୂତନ ମେଶିନ ଲଗାଇବାକୁ ଦାବି କରିଥିଲେ । ଏଏପିର ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲା ସଭାପତି ରମେଶଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲା ସାଧାରଣ ସମ୍ପାଦକ ଅନିଲ ସାମଲ, ଗଁଦିଆ ବ୍ଲକ ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଥ୍ୟ ସଂଗ୍ରହ କରି ବାୟୋ ଆନାଲାଇଜର ମେଶିନ ବହୁ ପୁରୁଣା ହୋଇଥିବାରୁ ରକ୍ତ ନମୁନା ପରୀକ୍ଷାରେ ସମସ୍ୟା ଉପୁଜିଛି । ମେଶିନ ମରାମତି ପାଇଁ କେହି ବୈଷୟିକ କର୍ମଚାରୀ ନ ଥିବାରୁ ସମସ୍ୟା ବଢ଼ିଛି । ଏହି ମେଶିନ ଦ୍ୱାରା କିଡନୀ ପାଇଁ ରକ୍ତ ପରୀକ୍ଷା ସମେତ ଲିପିଡ ପ୍ରୋଫାଇଲ ଟେଷ୍ଟ, କୋଲେଷ୍ଟ୍ରୋରେଲ, ମଧୁମେହ, ଅଗ୍ନାଶୟ ରୋଗ ଓ ହୃଦଘାତ ରୋଗ ନିରୁପଣ କରାଯାଇଥାଏ । ତୁରନ୍ତ ନୂତନ ମେଶିନ ସହ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରିବା ପାଇଁ ଏଏପି ପକ୍ଷରୁ ଦାବି କରାଯିବା ସହ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।

# ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ



ଗଁଦିଆ,୪।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଧାରପୁର ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଚେତନତା ପାଇଁ ଏକ ସ୍ୱତନ୍ତ୍ର ରଥ ବ୍ଲକ ପରିଭ୍ରମଣ ପାଇଁ ଉଦଘାଟନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ ଓ ସମ୍ମାନିତ ଅତିଥି ଭାବରେ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ଉତ୍ସବକୁ ଶୁଭ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ, ବିଧାରପୁର ସରପଂଚ ଅଜୟ କୁମାର ମହାନ୍ତି, ବରଦା ସରପଞ୍ଚ ଲଳିତ ଦାସ, ସାନ୍ଧ୍ୟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସମୀର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଧାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ସାହୁ ସଂଯୋଜନା କରିଥିବା ବେଳେ ବିଧାରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ନାୟକ ସହାୟତା କରିଥିଲେ । କାର୍ଯ୍ୟକ୍ରମରେ ୧୦ ଜଣ ଶିଶୁ ଖଡି ଛୁଇଁଥିଲେ । ଗଁଦିଆ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁବାସ ସ୍ୱାଇଁ, ସହ ଶିକ୍ଷାଧିକାରୀ ସତେନ୍ଦ୍ର କୁମାର ସାହୁ ଓ ବିଦ୍ୟାଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ପୂର୍ବତନ ବିଧାୟକଙ୍କ ହ୍ୱାଟ୍‌ସଆପ୍ ହ୍ୟାକ୍

ଢେଙ୍କାନାଳ,୪।୪(ରତନ ନାୟାର)

ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟ ଶୁକ୍ରବାର ହ୍ୟାକ୍ ହୋଇଥିଲା । ତାଙ୍କ ମୋବାଇଲ ନଂ. ୯୪୩୮୦୩୭୬୦୩ରେ ଥିବା ହ୍ୱାଟ୍ସ୍‌ଆପ୍‌ରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ଗଣମାଧ୍ୟମର ପ୍ରତିନିଧିଙ୍କୁ ଟଙ୍କା ମଗାଯାଇଥିବା ଦେଖାଯାଇଥିଲା । ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ଜାଣିବା ପରେ ଶନିବାର ଢେଙ୍କାନାଳ ସାଇବର ଥାନାରେ ପହଞ୍ଚି ଘଟଣାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଅଭିଯୋଗ କରିଥିଲେ । ତଦନ୍ତରେ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଦର୍ଶାଇଥିଲେ । କେହି ସନ୍ଦିଗ୍ଧ ବ୍ୟକ୍ତି ତାଙ୍କୁ ବଦନାମ କରିବା ପାଇଁ ତାଙ୍କ ପରିଚୟ ନେଇ ତାଙ୍କର ହ୍ୱାଟ୍ସ୍‌ଆପ୍ ଆକାଉଣ୍ଟ ଦ୍ୱାରା ଏଭଳି ହୀନ ଚକ୍ରାନ୍ତ କରିଥିବା ସେ କହିଛନ୍ତି । ଅଭିଯୋଗ ସହିତ ହ୍ୱାଟସ୍ ଆପ୍‌ରେ ଆସିଥିବା ସମସ୍ତ ମେସେଜ୍ ସେ ସାଇବର ଥାନା ପୋଲିସକୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି ।

# ଓଡ଼ିଶା ଦିବସରେ ସାମାଜିକ କର୍ମୀ ସମ୍ମାନିତ


ସାମାଜିକ କର୍ମୀ ମନୋଜ କୁମାର ସାହୁଙ୍କୁ ସମ୍ମାନିତ କରାଯାଉଛି।

ଢେଙ୍କାନାଳ,୪।୪(ରତନ ନାୟାର)

ଢେଙ୍କାନାଳ ଜିଲାର ଯୁବ ସାମାଜିକ କର୍ମୀ ମନୋଜ କୁମାର ସାହୁଙ୍କୁ ଓଡିଶା ଦିବସ ସମାରୋହ ଅବସରରେ କଟକ ଜିଲା ପ୍ରଶାସନ ପକ୍ଷରୁ ନେତାଜୀ ସଂସ୍କୃତି ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ତାଙ୍କୁ ବାଲିଯାତ୍ରା ସ୍ମାରକ, ଓଡ଼ିଶା ଦିବସ ସମ୍ମାନ ଫଳକ, ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସେ ବିଶ୍ୱ ଓଡ଼ିଶା ଅନୁଷ୍ଠାନ ମାଧ୍ୟମରେ ବାଲିଯାତ୍ରାକୁ ୟୁନେସ୍କୋର ଐତିହ୍ୟ ମାନ୍ୟତା ଦେବା ପାଇଁ କଟକ ଜିଲା ପ୍ରଶାସନ ସହଯୋଗରେ ଏକ ପ୍ରସ୍ତାବ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସମ୍ମାନିତ ଅତିଥି ଭାବେ କଟକ-ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ କିରନଦୀପ କୌର, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ସଂସ୍କୃତି ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମାନ ପାଇଁ ମନୋଜଙ୍କୁ ବିଶ୍ୱ ଓଡ଼ିଶା ଉପସଭାପତି ଦୀପାୟନ ପଟ୍ଟନାୟକ, ଦିଲୀପ ରାୟ, ଉତ୍କଳ ସାହିତ୍ୟ ସମାଜ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜ ଢେଙ୍କାନାଳ ଜିଲା ଆବାହକ ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ବିଶ୍ୱ ଓଡ଼ିଶା ଆନ୍ତର୍ଜାତିକ ଅଧ୍ୟକ୍ଷ ଡ. ଅରୁଣ କୁମାର ପ୍ରହରାଜ, ବିଶ୍ୱ ଓଡ଼ିଶା ରାଜ୍ୟ ସଂଯୋଜିକା ରଶ୍ମିତା ରାଉତ, ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ, ସାମାଜିକ କର୍ମୀ ତଥା ସାମ୍ବାଦିକ ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକସ୍ତରୀୟ ଖଡ଼ିଛୁଆଁ ଉତ୍ସବ



ପରଜଙ୍ଗ, ୪।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସ୍ଥିତ ପିଏମଶ୍ରୀ ମହେଶଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠଠାରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ଯୋଗାଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ସରପଞ୍ଚ ଗାୟତ୍ରୀ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ସଂଯୁକ୍ତା ସାମଲ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶନୀ ନାୟକ ସଂଯୋଜନା କରିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଭୁବନ ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ

ଭୁବନ, ୪।୪ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଖଡ଼ିଛୁଆଁ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ଆରମ୍ଭ ହୋଇଛି। ସରକାରଙ୍କ ବିକଶିତ ଓଡିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ଆବଶ୍ୟକ ଥିବାବେଳେ ଏହାକୁ ଅଧିକ ପ୍ରଚାର ପ୍ରସାର ପାଇଁ ଏକ ସଚେତନତା ରଥ ପରିକ୍ରମା କରାଯାଉଛି । ଏହି ରଥ ଭୁବନ ବ୍ଲକର ସମସ୍ତ ବିଦ୍ୟାଳୟ ବୁଲି ସଚେତନ କରାଇବା ପାଇଁ ପ୍ରୟାସ ରହିଛି। ଏହି ପ୍ରବେଶ ଓ ଖଡିଛୁଆଁ ଉତ୍ସବକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ବିଧାୟକ ଖଡ଼ି ଧରାଇ ପାଠ ପଢ଼ାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ, ବିଆରସିସି ରାଜଲକ୍ଷ୍ମୀ ଟୁଡୁ, ଏବିଓ ଦୁଷ୍ମନ୍ତ କୁମାର ମିଶ୍ର, ସିଆରସିସି ପ୍ରମୋଦ କୁମାର ମିଶ୍ର ଓ ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ଅତିଥି ଭାବେ ଯୋଗଦେଇଥିଲେ।

# ଜଳୁଛି ଅଁଳାବେରେଣୀ ଜଙ୍ଗଲ



କାମାକ୍ଷାନଗର,୪।୪ (ସୁଧୀର କୁମାର ପରିଡ଼ା)

ରାଜ୍ୟରେ ଆରମ୍ଭ ହୋଇଗଲାଣି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ। ଏହା ଭିତରେ ଜଙ୍ଗଲରେ ଲାଗିଥିବା ନିଆଁ ପ୍ରଦୂଷଣ ବଢାଇବା ସାଙ୍ଗକୁ ଜଙ୍ଗଲୀ ଜୀବଜନ୍ତୁଙ୍କ ଜୀବନ ଦୁର୍ବିସହ ହେବା ସାଙ୍ଗକୁ ଗାଁମୁହାଁ ହୋଇଛନ୍ତି ଜଙ୍ଗଲୀ ଜନ୍ତୁ। ଅଁଳାବେରେଣୀ ବନପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ତିନି କିଲୋମିଟର ଦୂରରେ ଥିବା ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ମଧ୍ୟ ନିଆଁ ଲିଭାଇଲା ନାହିଁ ବନ ବିଭାଗ, ଫଳରେ ଜଳିଯାଉଛି ଜଙ୍ଗଲ ଓ ମୂଲ୍ୟବାନ ବୃକ୍ଷ । ନୀରବଦ୍ରଷ୍ଟା ସାଜିଛି ବନବିଭାଗ। ଗତ ମାସେ ହେଲାଣି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣି ବନବିଭାଗ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଜଳିଯାଉଥିବା ବେଳେ ବହୁ ମୂଲ୍ୟବାନ ବୃକ୍ଷ, ଔଷଧୀୟ ଗୁଳ୍ମ ପୋଡି ପାଉଁଶ ହୋଇଯାଇଛି। ଅଁଳାବେରେଣି ସହରଠାରୁ ମାତ୍ର ୧ କିଲୋମିଟର ଦୂର ବନପାଳଙ୍କ କାର୍ଯ୍ୟଳୟ ହୋଇଥିଲେ ବି ଜଙ୍ଗଲରେ ଭୟଙ୍କର ନିଆଁ ଲାଗିବା ଘଟଣା ବନ ବିଭାଗ ପାଖରେ ସୂଚନା ନଥିଲା। ଏହାକୁ ନେଇ ବନବିଭାଗ ଓ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱକୁ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ସହର ନିକଟରେ ଜଙ୍ଗଲରେ ନିଆଁ ଲାଗିଥିବାରୁ ଏହି ଅଞ୍ଚଳରେ ପରିବେଶ ଉଷ୍ମ ହେବା ସହ ଅସହ୍ୟ ତାତି ଅନୁଭବ ହେଉଛି ବନ ବିଭାଗ ଏହାପ୍ରତି ଦୃଷ୍ଟି ଦେଇ ତୁରନ୍ତ ନିଆଁ ଲିଭାଇବା ସହ ମୂଲ୍ୟବାନ ବୃକ୍ଷ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ୧୦୧୩୪ ଶିଶୁଙ୍କ ନାମ ଲେଖାଯିବ

**ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶୁଭାରମ୍ଭ**

ଢେଙ୍କାନାଳ,୪।୪(ରତନ ନାୟାର)



ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପ୍ରବେଶ ଓ ଖଡିଛୁଆଁ ଉତ୍ସବରେ ଅତିଥିବୃନ୍ଦ।

ଓଡ଼ିଆ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଶିଶୁମାନଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଶିଶୁମାନଙ୍କୁ ଖଡି ଛୁଆଁଇ ସେମାନଙ୍କର ବିଦ୍ୟାରମ୍ଭ କରିଥିଲେ। ବିଦ୍ୟା ମହାଧନ ଅଟେ । ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ଶିକ୍ଷିତମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବେ। ସମସ୍ତେ ଶିକ୍ଷିତ ହେଲେ ଜ୍ଞାନ ଓ ବିଜ୍ଞାନର ଦ୍ରୁତ ବିକାଶ ହେବ ଏବଂ ଦେଶର ସର୍ବାଙ୍ଗୀନ ଉନ୍ନତି ହେବ। ସାର୍ବଜନୀକ ଶିକ୍ଷା ନିମନ୍ତେ ସରକାର ସଂକଳ୍ପବଦ୍ଧ । ଏଥିନିମନ୍ତେ ଗୁରୁଜୀମାନଙ୍କ ଦାୟିତ୍ୱ ଖୁବ ଅଧିକ । ପଢ଼ିଲେ ଜାଣିବା । ଜାଣିଲେ ଜିଣିବା ବୋଲି କହିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅନ୍ୟ ଅତିଥିମାନେ ଶିଶୁମାନଙ୍କୁ ଖଡି ଛୁଆଁଇଥିଲେ। ଏହି ଅବସରରେ ଏକ ସଚେତନତା ପ୍ରଚାର ରଥକୁ ମନ୍ତ୍ରୀଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୂହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିସରରେ ହୋଇଥିବା ରଙ୍ଗର ଦୁନିଆ, ଗପ ରାଇଜ ଓ ଖେଳଘର ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ । ଜିଲାରେ ଶିଶୁ ବାଟିକାରେ ୮୭୮୨ ଜଣ ଏବଂ ପ୍ରଥମ ଶ୍ରେଣୀରେ ୧୩୫୨ ଜଣଙ୍କୁ ମିଶାଇ ସମୁଦାୟ ୧୦୧୩୪ ଜଣ ଶିଶୁଙ୍କର ନାମ ଲେଖାଯିବ ବୋଲି ଜଣାଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

